ଇନ୍ଦୋର ଉନ୍ନୟନ କର୍ତ୍ତୃପକ୍ଷ

ବନାମ

ତାରକ ସିଂହ ଏବଂ ଅନ୍ୟମାନେ ଇତ୍ୟାଦି ଇତ୍ୟାଦି

ମେ 1, 1995

[କେ. ରାମାସ୍ୱାମୀ ଏବଂ ବି.ଏଲ. ହଂସାରିଆ, ନ୍ୟାୟମୂର୍ତ୍ତିଦ୍ୱୟ]

*ଜମି ଅଧିଗ୍ରହଣ ଅଧିନିୟମ, 1894:*

*ଜମି ଅଧିଗ୍ରହଣ - ସନ୍ଦର୍ଭ ନ୍ୟାୟାଳୟ - ବର୍ଦ୍ଧିତ କ୍ଷତିପୂରଣ ପ୍ରଦାନ କରିବା ଆଦେଶ - ବିରୁଦ୍ଧରେ ଅପିଲ ସ୍ମାରକ - ପଇଠ ହେବାକୁ ଥିବା ଅଦାଲତ ଦେୟ - ନିର୍ଣ୍ଣୟ ହେଲା ମୂଲ୍ୟାନୁଯାୟୀ ଅଦାଲତ ଦେୟ ପୈଠଯୋଗ୍ୟ - ଏମ.ପି. ଅଦାଲତ ଦେୟ ଅଧିନିୟମ, 1870 ର ଧାରା 8 ପ୍ରଯୁଜ୍ୟ ବୋଲି ବିଚାର ହେଲା ।*

*ଏମ୍.ପି. ଅଦାଲତ ଦେୟ ଅଧିନିୟମ, 1870:ଧାରା 8 - ଅନୁସୂଚୀ 2 - ଅନୁଚ୍ଛେଦ 11 - ଏହାର ପ୍ରୟୋଗଯୋଗ୍ୟତା ।*

**ଅପିଲକାରୀ-କର୍ତ୍ତୃପକ୍ଷ ଏକ ଆଦେଶ ବିରୁଦ୍ଧରେ ଉଚ୍ଚ ନ୍ୟାୟାଳୟରେ ଏକ ଅପିଲ ସ୍ମାରକ-ପତ୍ର ଦାଖଲ କରିଥିଲେ ଯେଉଁଥିରେ ସନ୍ଦର୍ଭ ନ୍ୟାୟାଳୟ ଆବେଦନକାରୀ-କର୍ତ୍ତୃପକ୍ଷଙ୍କ ଦ୍ୱାରା ଅଧିଗ୍ରହଣ କରାଯାଇଥିବା ଜମି ପାଇଁ ଦାବିଦାରମାନଙ୍କୁ ବର୍ଦ୍ଧିତ କ୍ଷତିପୂରଣ ଆଦେଶ କରିଥିଲେ । ଏହି ଅପିଲ ସ୍ମାରକ-ପତ୍ରରେ କର୍ତ୍ତୃପକ୍ଷ ନିର୍ଦ୍ଦିଷ୍ଟ ଅଦାଲତ ଦେୟ ପ୍ରଦାନ କରିଥିଲେ । ତେବେ, ଏମ୍.ପି. ରାଜ୍ୟ ବନାମ ଗୋବର୍ଦ୍ଧନଦାସ, (1993) JLJ 280 ରେ ସୂଚିତ କରାଯାଇଥିବା ନିଜର ପୂର୍ଣ୍ଣ ଖଣ୍ଡପୀଠଙ୍କ ରାୟ ଉପରେ ନିର୍ଭର କରି, ଉଚ୍ଚ ନ୍ୟାୟାଳୟ 27.10.93 ରେ ଏକ ଆଦେଶ ପାରିତ କରିଥିଲେ ଯେଉଁଥିରେ ଅପିଲକାରୀ-କର୍ତ୍ତୃପକ୍ଷଙ୍କୁ ମୂଲ୍ୟାନୁଯାୟୀ ଅଦାଲତ ଦେୟ ପଇଠ କରିବାକୁ କୁହାଯାଇଥିଲା । ଅପିଲକାରୀ କର୍ତ୍ତୃପକ୍ଷ ଏହି ନ୍ୟାୟାଳୟରେ ଅପିଲ ଦାଖଲ କରି ଯୁକ୍ତି ଦର୍ଶାଇଥିଲେ ଯେ ସେ ଜଣେ ଦାବିଦାର ନୁହଁନ୍ତି ଏବଂ ଏମ.ପି. ଅଦାଲତ ଦେୟ ଅଧିନିୟମ, 1870 ର ଧାରା 8 ପ୍ରଯୁଜ୍ୟ ନୁହେଁ ଏବଂ କେବଳ ଅଧିନିୟମର ଅନୁସୂଚୀ II ର ଧାରା 11 ଅନୁଯାୟୀ ନିର୍ଦ୍ଧାରିତ ଅଦାଲତ ଦେୟ ପ୍ରଯୁଜ୍ୟ ।**

**ଅପିଲଗୁଡ଼ିକର ଫଇସଲା କରି, ଏହି ନ୍ୟାୟାଳୟ**

**ନିର୍ଣ୍ଣୟ କଲେ : ଅପିଲକାରୀମାନଙ୍କୁ ମୂଲ୍ୟାନୁଯାୟୀ ଅଦାଲତ ଦେୟ ଦେବାକୁ ହେବ । ଏହା ସତ୍ୟ ଯେ ଅପିଲକାରୀ ଦାବିଦାର ନୁହଁନ୍ତି; କିନ୍ତୁ ଯେତେବେଳେ ଏହା ସନ୍ଦର୍ଭ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ବିଚାରାଦେଶକୁ ଏଡ଼ାଇବାକୁ ଚେଷ୍ଟା କରେ, ସେତେବେଳେ ଏହା ବୁଝିବା ଆବଶ୍ୟକ ଯେ ଜମି ମାଲିକଙ୍କ ଦ୍ୱାରା ଦାବି କରାଯାଇଥିବା ପରି ସନ୍ଦର୍ଭ ନ୍ୟାୟାଳୟ ଦ୍ୱାରା ନିର୍ଦ୍ଧାରିତ ଉଚ୍ଚ କ୍ଷତିପୂରଣ ପରିମାଣକୁ ଏଡ଼ାଇବାକୁ**

**ଅପିଲକାରୀ ଚାହୁଁଛନ୍ତି । ତେଣୁ, କେନ୍ଦ୍ରୀୟ ଅଧିନିୟମ ଅନୁଯାୟୀ ସନ୍ଦର୍ଭ ନ୍ୟାୟାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ଅଧିକ କ୍ଷତିପୂରଣକୁ ଏଡାଇବା ପାଇଁ ଅପିଲକାରୀ ଯେତେ ପରିମାଣରେ ଚାହାଁନ୍ତି, ସେତେ ପରିମାଣରେ ଅପିଲକାରୀଙ୍କୁ ଅପିଲ ସ୍ମାରକପତ୍ର ଉପରେ ଅଦାଲତ ଦେୟ ଦେବାକୁ ପଡିବ । ଯେତେବେଳେ ଧାରା 54 ଅନୁଯାୟୀ ଅପିଲ୍ ଦାଖଲ କରି ଏହାର ବୈଧତାକୁ ଆପତ୍ତି କରାଯାଏ, ସେତେବେଳେ ଅପିଲ୍ ଦାଖଲ ହୋଇଥିବା ପରିମାଣର ପାର୍ଥକ୍ୟ, ଧାରା 8 ଅନୁସାରେ ମୂଲ୍ୟାନୁଯାୟୀ ଅଦାଲତ ଦେୟ ଦେବାକୁ ପଡିବ । ଅନୁସୂଚୀ-IIର ଧାରା 11ର କୌଣସି ପ୍ରୟୋଗ ନାହିଁ, କାରଣ ଏହା ଏମ୍.ପି. ଅଦାଲତ ଦେୟ ଅଧିନିୟମର ଧାରା 8 ଦ୍ୱାରା ସ୍ପଷ୍ଟ ଭାବେ ଅନ୍ତର୍ଭୁକ୍ତ ।**

*ସି.ଜି. ଘନଶାମଦାସ ଏବଂ ଅନ୍ୟମାନେ ବନାମ ମାଡ୍ରାସ କଲେକ୍ଟର,* **AIR (1987) SC 180, ଏହା ଉପରେ ନିର୍ଭରଶୀଳତା ରଖାଗଲା ।**

*ଦିୱାନ ବ୍ରଦର୍ସ ବନାମ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ବମ୍ବେ,* **[1976] Suppl. SCR 664, ପ୍ରଯୁଜ୍ୟ ନୁହେଁ ବୋଲି ନିର୍ଣ୍ଣୟ ହେଲା ।**

*ଏମ୍.ପି. ରାଜ୍ୟ ବନାମ ଗୋବର୍ଦ୍ଧନଦାସ,* **(1993) JLJ 280, ଅନୁମୋଦିତ ।**

ଦେୱାନୀ ଅପିଲିୟ କ୍ଷେତ୍ରାଧିକାରିତା : 1995 ର ଦେୱାନୀ ଅପିଲ ସଂଖ୍ୟା 5645-46 ।

ଏଫ୍.ଏ. ସଂଖ୍ୟା 204/1993ରେ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟର 27.10.93 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀ ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ ଭି. ଆର. ରେଡ୍ଡୀ ଏବଂ ବିବେକ ଗମ୍ଭୀର ।

ଉତ୍ତରଦାତାମାନଙ୍କ ପାଇଁ ନୀରଜ ଶର୍ମା, ସାକେଶ କୁମାର ଏବଂ ଏସ୍.କେ. ଅଗ୍ନିହୋତ୍ରୀ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଅପିଲକାରୀ ଭୂମି ଅର୍ଜନ ଅଧିନିୟମ, 1894 (ସଂକ୍ଷେପରେ, 'କେନ୍ଦ୍ରୀୟ ଅଧିନିୟମ') ଅନୁଯାୟୀ ଜମି ଅଧିଗ୍ରହଣ କରିଥିଲେ ଏବଂ ଧାରା 18 ଅନୁଯାୟୀ ସୁପାରିଶ କ୍ରମେ, ଇନ୍ଦୋରର ଜିଲ୍ଲା ବିଚାରପତି କ୍ଷତିପୂରଣକୁ ହେକ୍ଟର ପିଛା 25,000/- ଟଙ୍କାରୁ 88,000/- ଟଙ୍କାକୁ ବୃଦ୍ଧି କରିଥିଲେ । ଏଥିରେ ଅସନ୍ତୁଷ୍ଟ ହୋଇ ଅପିଲକାରୀ ଉଚ୍ଚ ନ୍ୟାୟାଳୟରେ ଅପିଲ ସ୍ମାରକପତ୍ର ଦାଖଲ କରିଥିଲେ ଏବଂ ନିର୍ଦ୍ଧାରିତ ଅଦାଲତ ଦେୟ ପ୍ରଦାନ କରିଥିଲେ । 27.10.83 ତାରିଖର ଆଦେଶ ଅନୁଯାୟୀ, ଆବେଦନକାରୀଙ୍କୁ ମୂଲ୍ୟାନୁଯାୟୀ ଅଦାଲତ ଦେୟ

ପ୍ରଦାନ କରିବାକୁ କୁହାଯାଇଥିଲା । ଏହି ଆଦେଶ ଉପରେ ପ୍ରଶ୍ନ ଉଠାଇ ଅପିଲକାରୀ ବିଶେଷ ଅନୁମତି ଦ୍ଵାରା ଏହି ଅପିଲଗୁଡିକ ଦାୟର କରିଥିଲେ ।

ଉଚ୍ଚ ନ୍ୟାୟାଳୟ, *ଏମ୍.ପି. ରାଜ୍ୟ ବନାମ ଗୋବର୍ଦ୍ଧନଦାସ,* (1993) JLJ 280 ରେ ପ୍ରକାଶିତ ନିଜର ପୂର୍ଣ୍ଣ ଖଣ୍ଡପୀଠଙ୍କ ନିର୍ଣ୍ଣୟ ଉପରେ ନିର୍ଭର କରିଛନ୍ତି । ବିଦ୍ୱାନ ଅତିରିକ୍ତ ସଲିସିଟର ଶ୍ରୀ ଭି.ଆର. ରେଡ୍ଡୀଙ୍କ ମୁଖ୍ୟ ଯୁକ୍ତି ହେଉଛି ଯେ ଅପିଲକାରୀ ଜଣେ ଦାବିଦାର ନୁହଁନ୍ତି । ଏମ୍.ପି. ଅଦାଲତ ଦେୟ ଅଧିନିୟମ, 1870 (ସଂକ୍ଷେପରେ, 'ଅଧିନିୟମ') ର ଧାରା 8 ଏହି ମାମଲାରେ ତଥ୍ୟ ଉପରେ ପ୍ରଯୁଜ୍ୟ ନୁହେଁ । ଏହି ଅଧିନିୟମର ଅନୁସୂଚୀ-IIର ଧାରା 11 ପ୍ରଯୁଜ୍ୟ ହେବ ଏବଂ ସେଥିପାଇଁ ସେମାନଙ୍କୁ କେବଳ ନିର୍ଦ୍ଧାରିତ ନ୍ୟାୟାଳୟ ଦେୟ ପଇଠ କରିବାକୁ ପଡ଼ିବ । ସେ ମଧ୍ୟ ସେହି ତରଫରୁ ପୂର୍ଣ୍ଣ ଖଣ୍ଡପୀଠଙ୍କ ରାୟର ସଠିକତାକୁ ନିର୍ଣ୍ଣୟ କରିବାକୁ ଚାହାଁନ୍ତି ।

ସମ୍ପୃକ୍ତ ଯୁକ୍ତିଗୁଡ଼ିକୁ ବିଚାର କରିବା ପରେ, ଆମର ମତ ହେଉଛି ଯେ ଏମ୍.ପି. ଉଚ୍ଚ ନ୍ୟାୟାଳୟର ପୂର୍ଣ୍ଣ ଖଣ୍ଡପୀଠ ଆଇନକୁ ସଠିକ୍ ଭାବରେ ସ୍ଥିର କରିଛନ୍ତି । କେନ୍ଦ୍ରୀୟ ଅଧିନିୟମର ଧାରା 3(d) 'ନ୍ୟାୟାଳୟ' କୁ ମୂଳ ଅଧିକାରିତାର ଏକ ପ୍ରମୁଖ ଦେୱାନୀ ନ୍ୟାୟାଳୟ ଭାବରେ ବ୍ୟାଖ୍ୟା କରେ । କେନ୍ଦ୍ରୀୟ ଅଧିନିୟମର ଧାରା 18 ଦାବିଦାର କିମ୍ବା ଜମିର ମାଲିକଙ୍କୁ ସନ୍ଦର୍ଭ ମାଗିବା ପାଇଁ ଅଧିକାର ପ୍ରଦାନ କରେ । ଜମିର ମାପ କିମ୍ବା କ୍ଷତିପୂରଣ ପରିମାଣ ସମ୍ପର୍କରେ ଦାବିଦାରଙ୍କ ଦ୍ଵାରା ଉଠାଯାଇଥିବା ଆପତ୍ତିର ନିର୍ଣ୍ଣୟ ପାଇଁ ଜିଲ୍ଲାପାଳଙ୍କୁ ଏକ ସୁପାରିଶ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ପରେ, ଜିଲ୍ଲାପାଳ ଧାରା 19 ଅନୁଯାୟୀ ନିର୍ଦ୍ଧାରିତ ଢଙ୍ଗରେ ଅଦାଲତରେ ବିବୃତି ରଖିବାକୁ ବାଧ୍ୟ । ଧାରା 20 ଅନୁଯାୟୀ, ଏହା ପ୍ରାପ୍ତ ହେବା ପରେ, ନ୍ୟାୟାଳୟ ସେଥିରେ ଉଲ୍ଲେଖ କରାଯାଇଥିବା ପରି ଏକ ନୋଟିସ୍ ଜାରି କରିବେ । ଧାରା 22 ଅନୁଯାୟୀ, ନ୍ୟାୟାଳୟ ଏକ ଦେୱାନୀ ନ୍ୟାୟାଳୟ ଭାବେ ପ୍ରକ୍ରିୟା ପରିଚାଳନା କରିଥାଏ । ସିପିସିର ଧାରା 2 ର ଉପଧାରା (2) ବିଚାରାଦେଶକୁ ବ୍ୟାଖ୍ୟା କରେ ଏବଂ ଅଧିନିୟମର ଧାରା 2(14) 'ଆଦେଶ' କୁ ବ୍ୟାଖ୍ୟା କରେ ।

*ସି.ଜି. ଘନଶ୍ୟାମଦାସ ଏବଂ ଅନ୍ୟମାନେ ବନାମ ମାଡ୍ରାସର ଜିଲ୍ଲାପାଳ,* AIR (1987) SC 180 ମାମଲାରେ, ସ୍ଥାବର ସମ୍ପତ୍ତି ଅଧିକାର ଏବଂ ଅଧିଗ୍ରହଣ ଅଧିନିୟମ (1952ର 30) ର ଧାରା 11 ଅନୁଯାୟୀ ଅପିଲର ପରିସର ଏବଂ ତାମିଲନାଡୁ ଅଦାଲତ ଦେୟ ଅଧିନିୟମର ଧାରା 51 ଅନୁଯାୟୀ ଏହି ନ୍ୟାୟାଳୟ ଦେୟ ପ୍ରଦାନ କରିବାର ରାଜ୍ୟ ଦାୟିତ୍ୱକୁ ବିଚାର କରି, ଯାହା ଅଧିନିୟମର ଧାରା 58 ସହିତ ତତ୍ତୁଲ୍ୟ, ଏହି ବିବାଦକୁ ବିଚାର କରିଥିଲେ ଏବଂ ରାୟ ଦେଇଥିଲେ ଯେ ମଧ୍ୟସ୍ଥଙ୍କ ଅଧିନିର୍ଣ୍ଣୟ ଏକ ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ଵାରା ନିଆଯାଇଥିବା ନିର୍ଣ୍ଣୟର ଏକ ଆନୁଷ୍ଠାନିକ ଅଭିବ୍ୟକ୍ତି । ଏହା ସହିତ, ଏହା ଏକ ନିର୍ଣ୍ଣୟ ଯାହା ପକ୍ଷମାନଙ୍କ ପାଇଁ କାର୍ଯ୍ୟପନ୍ଥା ପ୍ରତି ବାଧ୍ୟତାମୂଳକ ଅଟେ ଯେଉଁଥିରେ ଏହା ନିଆଯାଇଛି । ତେଣୁ, ନ୍ୟାୟାଳୟ ଦେୟ ପ୍ରଦାନର ତାତ୍ପର୍ଯ୍ୟପୂର୍ଣ୍ଣ ବିଷୟ ନିର୍ଣ୍ଣୟ କରିବା ଉଦ୍ଦେଶ୍ୟରେ ପ୍ରଶ୍ନରେ ଥିବା ଆଦେଶ କାର୍ଯ୍ୟକାରୀ ହେଉଛି କି ନାହିଁ ତାହା

ଅପ୍ରାସଙ୍ଗିକ ମନେହୁଏ । ତାମିଲନାଡୁ ଅଦାଲତ ଦେୟ ଅଧିନିୟମର ଧାରା 51 ଏବଂ ସିପିସି ର ଧାରା 2(2) ଏବଂ 2(14) କୁ ବିଚାରକୁ ନେଇ ଏହି ନ୍ୟାୟାଳୟ କହିଛନ୍ତି ଯେ ଏହି ଅଧିନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରିବାର ଆଦେଶ ଧାରା 2(14) ଅନୁଯାୟୀ ଏକ ଆଦେଶ ଅଟେ । ଯେତେବେଳେ ତାମିଲନାଡୁ ଅଦାଲତ ଦେୟ ଅଧିନିୟମର ଧାରା 51 ଅନୁଯାୟୀ ଅପିଲ୍ ଦାଖଲ କରି ଏହାକୁ ବିରୋଧ କରିବାକୁ ଚେଷ୍ଟା କରାଯାଏ, ସେତେବେଳେ ଅପିଲକାରୀ ନିଶ୍ଚିତ ଭାବରେ ଅଧିନିୟମ ଅନୁଯାୟୀ ପ୍ରଦାନ କରାଯାଇଥିବା କ୍ଷତିପୂରଣକୁ ଏଡାଇବାକୁ ଚେଷ୍ଟା କରନ୍ତି । ତେଣୁ, ଏହା ବୈଧାନିକ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ଏକ ଆଦେଶ । ତଦନୁସାରେ, ଅପିଲକାରୀମାନେ ଅପିଲ ସ୍ମାରକପତ୍ରର ମୂଲ୍ୟାନୁଯାୟୀ ଅଦାଲତ ଦେୟ ପ୍ରଦାନ କରିବାକୁ ବାଧ ହୋଇଥିଲେ ।

ଘନଶ୍ୟାମଦାସଙ୍କ ମାମଲା ଅପେକ୍ଷା ବର୍ତ୍ତମାନର ମାମଲା ଅଧିକ ଉଚ୍ଚ ସ୍ତରରେ ରହିଛି । ଏଠାରେ, ଅଧସ୍ତନ ବିଚାରପତି, ଯିଏ ବିଚାରାର୍ଥେ ପ୍ରେରଣରେ ନିର୍ଣ୍ଣୟ କରନ୍ତି, ସେ କେନ୍ଦ୍ରୀୟ ଅଧିନିୟମ ଅନୁଯାୟୀ କ୍ଷତିପୂରଣ ନିର୍ଣ୍ଣୟ କରିବା ପାଇଁ ଏକ ଦେୱାନୀ ଅଦାଲତ । ଧାରା 26 (2) ର କାର୍ଯ୍ୟକାରିତା ଦ୍ୱାରା, ତାଙ୍କ ଅଧିନିର୍ଣ୍ଣୟ ସିପିସି ର ଧାରା 2 (2) ର ଅର୍ଥ ମଧ୍ୟରେ ଏକ ବିଚାରାଦେଶ । ଏହା କେନ୍ଦ୍ରୀୟ ଅଧିନିୟମ ଅନୁଯାୟୀ ଅଧିଗ୍ରହଣ କରାଯାଇଥିବା ଜମିର କ୍ଷତିପୂରଣ କିମ୍ବା ମାପ ଉପରେ ଏକ ବିଚାରର ଏକ ଆନୁଷ୍ଠାନିକ ଅଭିବ୍ୟକ୍ତି । ଏହା ଏକ ଚୂଡ଼ାନ୍ତ ବିଚାର ମଧ, ଯଦି ଏହାକୁ ଅନ୍ୟ କୌଣସି ଆଇନଗତ ମଞ୍ଚରେ ଏଡାଯାଇପାରିବ ନାହିଁ; ଏବଂ ଏହାକୁ କେବଳ କେନ୍ଦ୍ରୀୟ ଅଧିନିୟମର ଧାରା 54 ରେ ଉଲ୍ଲେଖ କରାଯାଇଥିବା ଭାବରେ ଅପିଲ୍ ଦାଖଲ କରି ଏଡାଯାଇପାରିବ ।

ଏହି ପରିପ୍ରେକ୍ଷୀରେ, ଏମ୍.ପି. ଅଦାଲତ ଦେୟ ଅଧିନିୟମର ଧାରା 8 ଉଲ୍ଲେଖ କରିବା ପ୍ରାସଙ୍ଗିକ, ଯାହା ଏହିପରି:

> "କ୍ଷତିପୂରଣ ସମ୍ବନ୍ଧୀୟ ଆଦେଶ ବିରୁଦ୍ଧରେ ଅପିଲ ସ୍ମାରକପତ୍ର ଉପରେ ଶୁଳ୍କ:—
>
> ସାର୍ବଜନୀନ ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ ପାଇଁ ବର୍ତ୍ତମାନ ବଳବତ୍ତର ଥିବା କୌଣସି ଅଧିନିୟମ ଅନୁଯାୟୀ କ୍ଷତିପୂରଣ ସମ୍ବନ୍ଧୀୟ ଆଦେଶ ବିରୁଦ୍ଧରେ ଏକ ଅପିଲ ସ୍ମାରକପତ୍ର ଉପରେ ଏହି ଅଧିନିୟମ ଅନୁଯାୟୀ ଦେୟଯୋଗ୍ୟ ଶୁଳ୍କର ପରିମାଣ ନିର୍ଣ୍ଣୟ କରାଯାଇଥିବା ପରିମାଣ ଏବଂ ଅପିଲକାରୀଙ୍କ ଦ୍ୱାରା ଦାବି କରାଯାଇଥିବା ପରିମାଣ ମଧ୍ୟରେ ପାର୍ଥକ୍ୟ ଅନୁଯାୟୀ ଗଣନା କରାଯିବ ।"

ଏହା ସତ୍ୟ ଯେ ଅପିଲକାରୀ ଦାବିଦାର ନୁହଁନ୍ତି । କିନ୍ତୁ ଯେତେବେଳେ ଅପିଲକାରୀ ସନ୍ଦର୍ଭ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ବିଚାରାଦେଶକୁ ଏଡ଼ାଇବାକୁ ଚାହାଁନ୍ତି, ଏହା ନିଶ୍ଚିତ ଭାବରେ ବୁଝିବାକୁ ହେବ ଯେ ଅପିଲକାରୀ ଜମି ମାଲିକଙ୍କ ଦ୍ୱାରା ଦାବି କରାଯାଇଥିବା ସନ୍ଦର୍ଭ ନ୍ୟାୟାଳୟ ଦ୍ୱାରା ନିର୍ଦ୍ଧାରିତ ଉଚ୍ଚ କ୍ଷତିପୂରଣ ପରିମାଣକୁ

ଏଡ଼ାଇବାକୁ ଚାହୁଁଛନ୍ତି । ତେଣୁ, ଅପିଲକାରୀ କେନ୍ଦ୍ରୀୟ ଅଧିନିୟମ ଅନୁଯାୟୀ ସନ୍ଦର୍ଭ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ଉଚ୍ଚତର କ୍ଷତିପୂରଣକୁ ଏଡ଼ାଇବାକୁ ଚାହୁଁଥିବା ପରିମାଣରେ ଅପିଲ ସ୍ମାରକପତ୍ର ଉପରେ ନ୍ୟାୟାଳୟ ଦେୟ ପ୍ରଦାନ କରିବା ଆବଶ୍ୟକ । ଯେତେବେଳେ ଧାରା 54 ଅନୁଯାୟୀ ଅପିଲ୍ ଦାଖଲ କରି ଏହାର ବୈଧତାକୁ ଆପତ୍ତି କରାଯାଏ, ସେତେବେଳେ ଅପିଲ୍ ଦାଖଲ ହୋଇଥିବା ପରିମାଣର ପାର୍ଥକ୍ୟ, ଧାରା 8 ଅନୁଯାୟୀ ମୂଲ୍ୟାନୁଯାୟୀ ଅଦାଲତ ଦେୟ ପ୍ରଦାନ କରିବା ଆବଶ୍ୟକ । ଅନୁସୂଚୀ II ର ଧାରା 11 ର କୌଣସି ପ୍ରୟୋଗ ନାହିଁ, କାରଣ ଏହା ସ୍ପଷ୍ଟ ଭାବରେ ଏମ୍.ପି. ଅଦାଲତ ଦେୟ ଅଧିନିୟମର ଧାରା 8 ଦ୍ୱାରା ଅନ୍ତର୍ଭୁକ୍ତ ।

ଶ୍ରୀ ଭି.ଆର. ରେଡ୍ଡୀଙ୍କ ଦ୍ୱାରା ନିର୍ଭର କରାଯାଇଥିବା *ଦିୱାନ ବ୍ରଦର୍ସ ବନାମ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବମ୍ବେ,* [1976] Suppl. SCR 664 ମାମଲାରେ ଏହି ନ୍ୟାୟାଳୟଙ୍କ ନିର୍ଣ୍ଣୟ, ଏହି ମାମଲାର ତଥ୍ୟ ଉପରେ ପ୍ରଯୁଜ୍ୟ ନୁହେଁ । ସେଥିରେ ସ୍ୱତନ୍ତ୍ର ନ୍ୟାୟାଧିକରଣ ଗଠନ କରାଯାଇଥିଲା ଏବଂ ବିବାଦଗୁଡିକର ସମାଧାନ ପାଇଁ ନ୍ୟାୟାଧିକରଣକୁ ଏକ ଆବେଦନ କରାଯିବାର ଥିଲା । ନିର୍ଦ୍ଦିଷ୍ଟ ଭାଷାକୁ ଦୃଷ୍ଟିରେ ରଖି, ଏହି ନ୍ୟାୟାଳୟ କହିଛନ୍ତି ଯେ CPC ର ଧାରା 2 ର ଉପ-ଧାରା (2) ଅନୁଯାୟୀ ନିର୍ଦ୍ଧାରିତ ମାନଦଣ୍ଡ ପୂରଣ ହୋଇନାହିଁ । ତେଣୁ, ଆଦେଶଟି ଏକ ବିଚାରାଦେଶ ନୁହେଁ ଏବଂ ଆବେଦନଟି ସିପିସି ଦ୍ୱାରା ଆବଶ୍ୟକ ଅନୁଯାୟୀ ଏକ ଅର୍ଜି ନୁହେଁ । ତେଣୁ, ଏହା କୁହାଯାଇଥିଲା ଯେ ଅପିଲ ସ୍ମାରକପତ୍ର ଉପରେ ନିର୍ଦ୍ଧାରିତ ନ୍ୟାୟାଳୟ ଦେୟ ପ୍ରଦାନ କରିବାର ଆବଶ୍ୟକତା ରହିଛି । କିନ୍ତୁ, ପୂର୍ବରୁ ଉଲ୍ଲେଖ କରାଯାଇଥିବା ପରି, ଯେହେତୁ ଏହି ଅଧିନିୟମ କେନ୍ଦ୍ରୀୟ ଅଧିନିୟମ ଅନୁଯାୟୀ ନ୍ୟାୟାଳୟକୁ ମୂଳ କ୍ଷେତ୍ରାଧିକାରିତାର ଏକ ପ୍ରତିଷ୍ଠିତ ଦେୱାନୀ ନ୍ୟାୟାଳୟ ଭାବେ ବିବେଚନା କରିଛି ଏବଂ ପ୍ରତିଦ୍ୱନ୍ଦ୍ୱୀ ପକ୍ଷମାନଙ୍କ ମଧ୍ୟରେ କ୍ଷତିପୂରଣ ଗ୍ରହଣ କରିବା ପାଇଁ ମାପ କିମ୍ବା କ୍ଷତିପୂରଣ କିମ୍ବା ଅଧିକାର ସମ୍ବନ୍ଧୀୟ ଆପତ୍ତିକୁ ନିର୍ଣ୍ଣୟାତ୍ମକ ଭାବରେ ନିର୍ଣ୍ଣୟ କରିବାର କ୍ଷମତା ଏବଂ କ୍ଷେତ୍ରାଧିକାର ପ୍ରଦାନ କରିଛି, ଏହା ସିପିସି ଅଧୀନରେ ଏକ ଦେୱାନୀ ନ୍ୟାୟାଳୟ ଏବଂ ଦେୱାନୀ ନ୍ୟାୟାଳୟର ଅଧିନିର୍ଣ୍ଣୟକୁ ସିପିସି ର ଧାରା 2 ର ଉପ-ଧାରା (2) ର ଅର୍ଥ ମଧ୍ୟରେ ଧାରା 26(2) ଅନୁଯାୟୀ ବିଚାରାଦେଶ ଭାବରେ ବିବେଚନା କରାଯାଏ ।

ତେଣୁ, ଅପିଲକାରୀମାନଙ୍କୁ ମୂଲ୍ୟାନୁଯାୟୀ ଅଦାଲତ ଦେୟ ପ୍ରଦାନ କରିବାକୁ ପଡିବ । ଅପିଲକାରୀମାନଙ୍କୁ ନିଅଣ୍ଟ ନ୍ୟାୟାଳୟ ଦେୟ ପ୍ରଦାନ କରିବା ପାଇଁ ଆଜିଠାରୁ ଦୁଇ ମାସ ସମୟ ଦିଆଯାଇଛି । ତଦନୁସାରେ ଅପିଲ ଗୁଡ଼ିକର ଫଇସଲା କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଟି.ଏନ୍.ଏ. ଅପିଲଗୁଡିକ ଫଇସଲା ହେଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର:*
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।